# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ତୁଳସୀକ୍ଷେତ୍ର






**କେନ୍ଦ୍ରାପଡ଼ା, ୯।୧(ସମିସ):**

ଜଗନ୍ନାଥ ଅର୍ପଣ ରଥ'କୁ ସ୍ୱାଗତ କରିବା ପାଇଁ କେନ୍ଦ୍ରାପଡ଼ାବାସୀଙ୍କ ମନରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ରଙ୍ଗବେରଙ୍ଗର ମୁରୁଜ ଓ ଝୋଟିଚିତା ପକାଇ ଗାଁ ଦାଣ୍ଡକୁ ସଜେଇ ରଖିଛନ୍ତି ଶ୍ରଦ୍ଧାଳୁ। ଗୋବରରେ ଲିପାପୋଛା କରି ବସେଇଛନ୍ତି ଶୁଭ କଳସ। ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନି, ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଜିଲ୍ଲାରେ ସୃଷ୍ଟି ହୋଇଛି ଏକ ଭାବମୟ ପରିବେଶ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ କେନ୍ଦ୍ରାପଡ଼ାବାସୀ ଶ୍ରଦ୍ଧାର ସହ ସମର୍ପି ଦେଉଛନ୍ତି ଅରୁଆ ଚାଉଳ ଓ ଗୁଆ। ଆଜି ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଅଳପୁଆ, ବଳଭଦ୍ରପୁର, ଖଡିଅଣ୍ଟା, ଗଙ୍ଗାରାମପୁର ଆଦି ଗ୍ରାମ ପଞ୍ଚାୟତରେ ଅକ୍ଷତ ଓ ଗୁଆ ସଂଗ୍ରହ ହୋଇଥିବା ବେଳେ ଆସନ୍ତାକାଲି ତରଡିପାଳ, ବଲୁରିଆ, ଶ୍ରୀରାମପୁର, କଖାରୁଣି, ନରସିଂହପୁର ଆଦି ଗ୍ରାମ ପଞ୍ଚାୟତରେ ପହଞ୍ଚିବ ଅର୍ପଣ ରଥ।' ସେହିପରି ରାଜକନିକା ବ୍ଲକର ବାଘବୁଦା, ବରାଡିଆ, ଜୟନଗର, କୋଇଲିପୁର, କାଟଣାବଣିଆ, ବରୁଣା, ପେଘରପଡ଼ା, ଦୋମୁଣ୍ଡା, ଶିହପଡ଼ା ଗ୍ରାମ ପଞ୍ଚାୟତରେ ଲୋକେ ଅର୍ପଣ ରଥ'କୁ ଭବ୍ୟ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ଭାଇସ୍ ଚେୟାର୍‌ମ୍ୟାନ୍ ତନ୍ମୟ ରଞ୍ଜନ ଦାସ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଏହି ଅର୍ପଣ ରଥ' ପରିକ୍ରମାରେ ସାମିଲ ହୋଇଥିଲେ। ସେହିପରି ଆଜି ବ୍ଲକର ଚଣ୍ଡିଆଗଡ଼ି, ଡିମିରିପାଳ, ନିଆଳ, ଅଟାଳ ଆଦି ଗ୍ରାମ ପଞ୍ଚାୟତରେ ଲୋକେ ଅର୍ପଣ ରଥ'କୁ ବନ୍ଦାପନା କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କେନ୍ଦ୍ରାପଡ଼ା ବ୍ଲକର ଓସ୍ତପୁର, ବଗଡ଼ା, ଚନ୍ଦନପୁର, ଧୁମାତ, ପଳସିଙ୍ଗା, ଚକ୍ରୋଡା ଆଦି ଗ୍ରାମ ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। କେନ୍ଦ୍ରାପଡ଼ାର ବିଧାୟକ ଶଶିଭୂଷଣ ବେହେରା, କେନ୍ଦ୍ରାପଡ଼ା ବ୍ଲକ ଭାଇସ୍ ଚେୟାରମ୍ୟାନ୍ ପ୍ରତାପ ମହାପାତ୍ର, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଅର୍ପଣ ରଥ' ଘରକୁ ଘର ବୁଲି ଲୋକମାନଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ସଂଗ୍ରହ କରାଯାଇଥିବା ଅକ୍ଷତ ଓ ଗୁଆ ଏକ ସ୍ୱତନ୍ତ୍ର ଗାଡି ଯୋଗେ ପୁରୀକୁ ନିଆଯିବ। ଚଳିତ ମାସ ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ପୂର୍ବରୁ ଏହି ଅକ୍ଷତ ଓ ଗୁଆ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରାଯିବ।

## 'ଜୟ ଜଗନ୍ନାଥ' ଧ୍ୱନିରେ ଗଡ଼ିଲା ଅର୍ପଣ ରଥ



**ପଞ୍ଚୁପାଣ୍ଡବ, ୯।୧(ସମିସ):** ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତରେ ଏହି ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି।ଏହି ରଥକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ ଉଦଘାଟନ କରିଥିଲେ।ଜୟ ଜଗନ୍ନାଥ ଅର୍ପଣ ରଥ ଆଗରେ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି, ଶଙ୍ଖନାଦ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗୋଟିଏ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ମହିଳାମାନେ ଅର୍ପଣ ରଥରେ ଅରୁଆ ଚାଉଳ, ଗୁଆ ଓ ଅର୍ଘ୍ୟ ମଧ୍ୟ ପ୍ରଦାନ କରିଥିଲେ।ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ସରପଞ୍ଚ ମାନସୀ ସାମଲ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ।ସମାଜସେବୀ ସତ୍ୟରଞ୍ଜନ ସାମଲ, ହିମାଂଶୁ ସାହୁ, ଅଲେଖ ଚନ୍ଦ୍ର ପୃଷ୍ଟି, ବାଉରୀ ବନ୍ଧୁ ପ୍ରଧାନ ଓ ଗଙ୍ଗାଧର ପୃଷ୍ଟି ଉପସ୍ଥିତି ରହି ନ୍ତଅର୍ପଣ ରଥ ପରିକ୍ରମା କରାଇଥିଲେ।

## ବେକରେ ଛୁରି ଲଗାଇ କଳାକନା ବୁଲାଇଲେ



**ମାର୍ଶାଘାଇ/ମହାକାଳପଡ଼ା, ୯।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ତଥା ମହାକାଳପଡ଼ା ବ୍ଲକ ଅଧିନ ସିରେଇଁପୁର ଗ୍ରାମର ରେବତୀ ନାୟକଙ୍କ ଘରେ ସୋମବାର ବିଳମ୍ବିତ ରାତ୍ରିରେ ଚୋର ପଶି ପରିବାର ଲୋକମାନଙ୍କୁ ବାହାରପଟୁ କବାଟ ଦେଇ ଝିଅ ବାହାଘର ପାଇଁ ରଖାଯାଇଥିବା ପ୍ରାୟ ୭ଭରି ଓଜନରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ସହିତ ୧ ଲକ୍ଷ ୭୦ ହଜାର ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ପରିବାର ସଦସ୍ୟ ସମସ୍ତେ ଶୋଇଥିବା ବେଳେ ଚୋର ଘର ଭିତରେ ପଶି କଳାକନା ବୁଲାଇ ଦେଇଛନ୍ତି। ଘରେଥିବା ବାକ୍ସ ଓ ଆଟାଚ ଗୁଡିକର ତାଲାଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେବା ସହିତ ଫେରାର ହୋଇ ଯାଇଛନ୍ତି। ଚୋର ଘରେ ଚୋରି କରୁଥିବା ବେଳେ ରେବତୀ ନାୟକ ଉଠିପଡ଼ିବାରୁ ତାଙ୍କ ବେକରେ ଛୁରି ଲଗାଇ ଦେଇଥିଲା ବୋଲି କହିଛନ୍ତି ରେବତୀ। ଝିଅ ବାହାଘର ପାଇଁ ରଖିଥିବା ଟଙ୍କା ଓ ସୁନା ଅଳଙ୍କାର ଚୋର ଚୋରି କରିନେବା ପରେ ଏବେ ମା' ନିର୍ମଳା ଆଖିରୁ ଲୁହ ଗଡ଼ାଉଛନ୍ତି। ଗୋଟିଏ ଚିନ୍ତା ଝିଅର ବିବାହ କିପରି କରିବେ? ଏନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର

**ରାଜନଗର, ୯।୧(ସମିସ):** ରାଜନଗର ବ୍ଲକ ମଧପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଖାସମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୨ୟ ପର୍ଯ୍ୟାୟ ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ୩ଟି ଶିବିରରେ ୧୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ପ୍ରତ୍ୟେକ ଶିବିରକୁ ୪ଜଣ ଲେଖାଏଁ ସମ୍ବଳ ସାଧନ କର୍ମୀ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିରରେ ଯୋଗଦେଇ ସରକାରଙ୍କ ଏହି ନୂତନ ମଡ୍ୟୁଲକୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସ୍ତରରେ ପ୍ରୟୋଗ କରି ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଶପଥ ନେଇଥିଲେ। ଏହି ୩ଟି ଶିବିରକୁ ପରିଚାଳନା କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଦାୟିତ୍ୱ ପ୍ରଦାନ କରିଥିବା ସିଆରସିସି ଅମୀୟ ରାଉତ, ଅନଙ୍ଗ କୁମାର ଜେନା, ମନୋରଞ୍ଜନ ପରମାଣିକ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

## ନାବାଳିକା ଛାତ୍ରୀଙ୍କ ଭିଡିଓକୁ ନେଇ ଖବର ପରିବେଷଣ, ଥାନାରେ ମାମଲା

**ରାଜନଗର, ୯।୧(ସମିସ):** ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷର ନାବାଳିକା ଛାତ୍ରୀଙ୍କ ବାସନ ଧୋଇବାର ଭିଡିଓକୁ ନେଇ ମିଥ୍ୟା ଖବର ପରିବେଷଣ ଓ ଏନେଇ ଛାତ୍ରୀ ଓ ତାଙ୍କ ମାଆ ସାମ୍ବାଦିକଙ୍କୁ ପଚାରିବାରୁ ତାଙ୍କୁ ମାଡ ମାରିବା ଘଟଣାକୁ ନେଇ ରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ନାବାଳିକା ଛାତ୍ରୀଙ୍କ ମାଆଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ ଯୁକ୍ତ୨ ପ୍ରଥମ ବର୍ଷ କଳା ବିଭାଗରେ ପାଠ ପଢ଼ନ୍ତି। ୫ ତାରିଖ ଦିନ ମହାବିଦ୍ୟାଳୟରେ ହୋଇଥିବା ଭୋଜିରେ ସେ ନିଜେ ଖାଇଥିବା ବାସନକୁ ଧୋଇଥିଲେ। ୬ ତାରିଖ ଦିନ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ମହାବିଦ୍ୟାଳୟକୁ ମୁଖ୍ୟ ଅତିଥି ହୋଇ ଆସିଥିଲେ। ମହାବିଦ୍ୟାଳୟରେ ମୁଖ୍ୟ ଅତିଥି ଅନ୍ୟ ଅତିଥି ମାନଙ୍କ ସହିତ କଦଳୀ ପତ୍ରରେ ମଧ୍ୟାହ୍ନ ଭୋଜନ କରିଥିଲେ। କିନ୍ତୁ ଦି କ୍ୟୁଭର ୱେବ ଚ୍ୟାନେଲରେ ତାଙ୍କ ଝିଅ ବାସନ ଧୋଉଥିବାର ଭିଡିଓକୁ ପ୍ରସାରଣ କରି ବିଧାୟକଙ୍କ ବାସନ ଧୋଉଥିବା ଦର୍ଶାଇଥିଲେ। ଏହି ଭିଡିଓକୁ ଏହାର ପ୍ରତିନିଧି ସତ୍ୟପ୍ରକାଶ ସେଠୀ ସୋସିଆଲ ମିଡିଆରେ ଭାଇରାଲ କରିବା ଯୋଗୁଁ ଝିଅ ମାନସିକ ଭାବେ ଗଭୀର ଆଘାତ ପାଇଛି। ୭ ତାରିଖ ଅପରାହ୍ନରେ ଉକ୍ତ ସାମ୍ବାଦିକଙ୍କୁ ମୋ ଝିଅର ଭିଡିଓକୁ ନେଇ କାହିଁକି ନ୍ୟୁଜ କଲ ବୋଲି ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ସେ ମୋତେ ଓ ମୋ ଝିଅକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମୋ ଛାତିକୁ ଏକ ଶକ୍ତ ଧକ୍କା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଲା। ଆମକୁ ନ୍ୟାୟ ଦେବାକୁ ଥାନାରେ ଛାତ୍ରୀଙ୍କ ମାଆ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ ରାଜନଗର ଥାନାରେ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି, ତଦନ୍ତ ଚାଲିଛି ବୋଲି କହିଛନ୍ତି।

■ ତାଳଚୁଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୨୩୪ଜଣଙ୍କ ପଞ୍ଜୀକରଣ; ୧୯୮ ଜଣ ଚିହ୍ନଟ



**ରାଜନଗର, ୯।୧(ସମିସ):** ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨ୟ ଭୀମ ଭୋଇ ସାମର୍ଥ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରା ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଞ୍ଜନ ମିଶ୍ର, ତାଳଚୁଆ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୦୩ଜଣ, ଶ୍ରବଣ ବାଧିତରେ ୪୩ଜଣ, ମାନସିକ ଅନଗ୍ରସର ବିଭାଗରେ ୫୮ଜଣ, ଦୃଷ୍ଟି ବାଧିତରେ ୩୦ଜଣ ମୋଟ ୨୩୪ଜଣ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ପରୀକ୍ଷା କରାଯାଇ ୧୯୮ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଭିନ୍ନକ୍ଷମ ଶିବିରରେ ରାଜନଗର, କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ବୀରେନ୍ଦ୍ର କୁମାର ଦାସ, ସତ୍ୟ ପ୍ରକାଶ ମହାପାତ୍ର, ସଞ୍ଜିତ କୁମାର ସେଠୀ, ଭାବତୋଷ ଘୋଷ, ବିଜୟ କୁମାର ଦାସ, ସତ୍ୟ ସୁନ୍ଦର ବିଶ୍ୱାଳ, ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ଶୀତଲ କୁମାର ଜେନା, ପଞ୍ଚାୟତନିର୍ବାହୀ ଅଧିକାରୀ ହୃଷିକେଶ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଙ୍ଗୁଲାଇ କପ୍; ଫାଇନାଲ୍‌ରେ ଜୟଦେବ କ୍ରିକେଟ କ୍ଲବ୍



**ମାର୍ଶାଘାଇ, ୯।୧(ସମିସ):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ କପ୍ କ୍ରିକେଟ ପ୍ରଥମ ସେମିଫାଇନାଲ ମ୍ୟାଚ ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ସହ ସୋଲା କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋଲାର କ୍ରିକେଟ ଟିମ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୫୬ରନ କରିଥିଲା। ଏହାର ଜବାବରେ ଶ୍ରୀଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ୨୦.୨ଓଭରରେ ୪ୱିକେଟ ହରାଇ ୧୬୨ରନ୍ କରି ବିଜୟୀ ହୋଇ ଫାଇନାରେ ପ୍ରବେଶ କରିଛି। ଶ୍ରୀଜୟଦେବ କ୍ରିକେଟ କ୍ଲବର ଅଂଶୁମାନ ସାହୁ ୪୮ ବଲରେ ୬୯ରନ କରି ଅପରାଜିତ ରହି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଛନ୍ତି। ହିନ୍ଦୁଳିଆ ସରପଞ୍ଚ ମନୋଜ କୁମାର ସ୍ୱାଇଁ, ସରପଞ୍ଚ ବିକ୍ରମକେଶରୀ ଦାଶ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ଅର୍ଥରାଶି ଚେକ୍ ପ୍ରଦାନକରିଥିଲେ। ଅମ୍ପାୟାର ପ୍ଲାବନ ସ୍ୱାଇଁ, ଅମରେନ୍ଦ୍ର ବେହେରା ସଫଳ ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ୨ୟ ସେମିଫାଇନାଲ ଇଲେଭେନ୍‌ଷ୍ଟାର କେନ୍ଦ୍ରାପଡ଼ା ସହ ଶ୍ରୀଜଗନ୍ନାଥ କ୍ରିକେଟ ଟିମ୍ ପିପିଲି ମଧ୍ୟରେ ଅନୁଷ୍ଠିତ ହେବ।

■ ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

## ମଦନପୁରକୁ ହରାଇ ସେମିରେ ଆଳି

**ରାଜନଗର, ୯।୧(ସମିସ):** ମଦନପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟରରେ ମଦନପୁରର ଏମସିସି କ୍ରିକେଟ କ୍ଲବକୁ ୧୫୭ ରନରେ ହରାଇ ମା'ଖରାଖାଇ କ୍ରିକେଟ କ୍ଲବ ଆଳି ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ମା'ଖରାଖାଇ କ୍ରିକେଟ କ୍ଲବ ଆଳି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୩ ଉଇକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ଦଳର ଆଜମଲ ଖାଁ ୪୨ ବଲରୁ ୧୫୦ ରନ କରିଥିଲେ। ଜବାବରେ ଏମସିସି କ୍ରିକେଟ କ୍ଲବ ମଦନପୁର ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ୧୫୦ରନ କରିଥିବା ଆଜମଲ ଖାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସମ୍ପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ତନୁଜ ସାହୁ ଓ ନିରଞ୍ଜନ ଦାଶ ଓମ୍ପାୟାର ଭୂମିକା ନିର୍ବାହ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା; ୫୭୬ ଜଣଙ୍କୁ ନିଯୁକ୍ତି




**କେନ୍ଦ୍ରାପଡ଼ା, ୯।୧(ସମିସ):**

ଦକ୍ଷତା ବିକାଶ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଏହି ନିଯୁକ୍ତି ମେଳାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଘନଶ୍ୟାମ ସା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।ସୂଚନାଯୋଗ୍ୟ, ଏହି ମେଳାରେ ୪୦ ଗୋଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଏହି ମେଳାରେ ୯୨୯ ଜଣ ଆଶାୟୀ ଯୁବକ ଓ ଯୁବତୀ ନିଯୁକ୍ତି ପାଇଁ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୭୬ ଜଣଙ୍କୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ୍ୟଭାବେ ଚୟନ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଆଶାୟୀ ଯୁବକ ଓ ଯୁବତୀଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସୁପରାମର୍ଶ ଦେଇଥିଲେ। ଏହି ମେଳାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଏନ୍‌ଆଇସିର ଡିଆଇଓ ଦେବବ୍ରତ ଦଲାଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଓରମାସ୍‌ର ଡେପୁଟି ସିଇଓ ନୀରୋଦ କୁମାର ଜେନା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବ୍ଲକର ଏମ୍‌ଏନ୍ ହାଇସ୍କୁଲ ଖେଳପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଦ୍ୱିତୀୟ ତଥା ଅନ୍ତିମ ଦିନର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହେବ। ଆଶାୟୀ ଯୁବକ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରି ଏହାର ସୁଯୋଗ ନେବାକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସମସ୍ତଙ୍କୁ ନିବେଦନ କରିଛନ୍ତି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ଅସହାୟ ସନାତନଙ୍କୁ ଆର୍ଥିକ ସହାୟତା



**ଏରସମା, ୯।୧(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଗରାଦେଇପୁରୁ ଗ୍ରାମର ନୀଳାମ୍ବର ଭୋଇଙ୍କ ପୁଅ ଅସହାୟ ସନାତନ ଭୋଇଙ୍କୁ ସହାୟତାର ହାତ ବଢେଇଛନ୍ତି ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ନାରୀନେତ୍ରୀ ଶିଖା ଉମେଶ ସ୍ୱାଇଁ। ନୀଳାମ୍ବର ଲିଭର ଜଣ୍ଡିଶ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିବାରୁ ଖବର ପାଇ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ଯୁବ ସମାଜସେବୀ ସୀଖା ଉମେଶ ସ୍ୱାଇଁ, ଅଶ୍ୱିନୀ ରାଉତ, ଅଶୋକ କୁମାର ବିଶ୍ୱାଳ, ପ୍ରଦୀପ ଗୋଛାୟତ ତାଙ୍କ ଗରାଦେଇପୁରସ୍ଥିତ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀମତୀ ସ୍ୱାଇଁ ସହାୟତା ପ୍ରଦାନ କରିଥିବାରୁ ଗରାଦେଇପୁରୁ ଗ୍ରାମବାସୀମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ବିରିଡି ତହସିଲ ପ୍ରଶାସନ ପକ୍ଷରୁ ରାଜସ୍ୱ ମେଳା



**ବିରିଡି, ୯।୧(ସମିସ):** ବିରିଡି ତହସିଲ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ତହସିଲ ଅଧିନ ଜନସାଧାରଣଙ୍କୁ ନେଇ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଚେୟାରମ୍ୟାନ ମମତା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସମାଜସେବୀ ଦେବୀ ପ୍ରସାଦ ତ୍ରିପାଠୀ, ବିଭାଗୀୟ ଅଧିକାରୀ ଅଶୋକ କୁମାର ସାହୁ, ଦୀପକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରାଜସ୍ୱ ପରିଦର୍ଶକ କାଳନ୍ଦି ବେହେରା ଏହାର ଆଭିମୁଖ୍ୟ ରଖିଥିଲେ। ତହସିଲଦାର ଶ୍ରୀ ବେହେରା ତହସିଲ କାର୍ଯ୍ୟାଳୟରେ ଜନସାଧାରଣମାନଙ୍କୁ ମିଳୁଥିବା ସମସ୍ତ ସୁବିଧା କିପରି ସୁଚାରୁରୂପେ ପାଇପାରିବେ ଓ ଏଥିପାଇଁ ସେମାନଙ୍କୁ କଣ କରିବାକୁ ପଡ଼ିବ ତାହା ବିସ୍ତୃତ ଭାବରେ ବୁଝାଇବା ସହ ଏ ଦିଗରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ପରିପ୍ରେକ୍ଷୀରେ ତହସିଲ ପ୍ରଶାସନ ପକ୍ଷରୁ ଅଳକା କଲେଜ, ହାଜିପୁର କଲେଜରେ କରାଯାଇଥିବା କୁଇଜ୍ ପ୍ରତିଯୋଗିତାର ୨୦ଜଣ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନକରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ତହସିଲ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଲୋକେ ଉପସ୍ଥିତ ଥିଲେ।

# ରାସାୟନିକ ଦୁର୍ଘଟଣାର ମକ୍‌ଡ୍ରିଲ୍ ପାଇଁ କର୍ମଶାଳା

**ଜଗତସିଂହପୁର, ୯।୧(ସମିସ)**

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ମକ୍ ଡ୍ରିଲ ଆୟୋଜନ ପାଇଁ ଆଭାସୀ ମାଧ୍ୟମରେ, ସ୍ୱେଶାଲ ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଶିଳ୍ପ ଅନୁଷ୍ଠାନ ଥିବା ରାଜ୍ୟର ଦଶଟି ଜିଲ୍ଲା (ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼)କୁ ନେଇ ଆୟୋଜିତ ଏହି କର୍ମଶାଳା ରେ ଜଗତସିଂହପୁର ଜିଲ୍ଲା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱା।ଳ ଆସନ୍ତା ତା ୧୧.୦୧.୨୪ ରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ମକ୍ ଡ୍ରିଲ ଓ ଜିଲ୍ଲା ପ୍ରଶାସନ ର ବିଭିନ୍ନ ପ୍ରସ୍ତୁତି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଜିଲ୍ଲା ର ପାରାଦ୍ୱୀପ ଠାରେ ଗଢି ଉଠିଥିବା ବୃହତ୍ ଶିଳ୍ପାନୁଷ୍ଠାନରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି, ସୁରକ୍ଷା ବନ୍ଦୋବସ୍ତ ନେଇ ସମୀକ୍ଷା କରିଥିଲେ ଶ୍ରୀମତୀ ବିଶ୍ୱାଳ।



ପାରାଦ୍ୱୀପ ର ୪ ଗୋଟି ଶିଳ୍ପାନୁଷ୍ଠାନ ଯଥା, ପାରାଦ୍ୱୀପ ପୋର୍ଟ, ଆଇ ଓ ସି ଏଲ୍, ଇଫକୋ, ପି ପିଏଲ ନିମନ୍ତେ ଏହି ମକ୍ ଡ୍ରିଲ ଅନୁଷ୍ଠିତ ହେବ। ଏହି ସମୟରେ ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା, ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏବଂ ଶାନ୍ତି ଶୃଙ୍ଖଳାର ସହ ବିପର୍ଯ୍ୟୟ ର ମୁକାବିଲା କରିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଆୟୋଜନ କରାଯାଇଛି ବୋଲି ସୂଚନା ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ। ଏଥିପାଇଁ ପୂର୍ବରୁ ସମସ୍ତ ପ୍ରକାରର ବ୍ୟବସ୍ଥା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅଫ ସାଇଟ ଓ ଅନ ସାଇଟ ଇମର୍ଜେନ୍ସି ପ୍ଲାନ ପ୍ରସ୍ତୁତି, ଆଶ୍ରୟସ୍ଥଳ ନିରୂପଣ, ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରାକ୍ ପ୍ରସ୍ତୁତି, ପ୍ରଭାବିତମାନଙ୍କୁ ତୁରନ୍ତ ମେଡିକାଲରେ ପହଞ୍ଚାଇବା ପାଇଁ ଗ୍ରୀନ କରିଡରର ବ୍ୟବସ୍ଥା, ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା, ମାଇକ ଦ୍ୱାରା ସଚେତନତା ସୃଷ୍ଟି ଇତ୍ୟାଦି ବିଷୟରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ବ୍ୟବସ୍ଥା ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ ଅତିରିକ୍ତ ଜିଲ୍ଲାପାଳ। ୧୧ ତାରିଖ ରେ ହେବାକୁ ଥିବା ମକ୍ ଡ୍ରିଲ ରେ ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ମିଶନ ଶକ୍ତି, ଆଶା କର୍ମୀ, ଆପଦ ମିତ୍ର, ଓଡ୍ରାଫ୍, ଟାସ୍କ ଫୋର୍ସ, ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର ଆଦି ଙ୍କ ଭୂମିକା ସମ୍ପର୍କରେ ବୁଝାଇଥିଲେ ଶ୍ରୀମତୀ ବିଶ୍ୱାଳ। ଜିଲ୍ଲା ସ୍ତରରେ ଏହି କର୍ମଶାଳା ରେ ଅନ୍ୟ ମାନଙ୍କ ମଧ୍ୟରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା, ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର ସାଇଣ୍ଟିଷ୍ଟ ବିବେଦିତା ଷଡଙ୍ଗୀ, ବି ଡି ଓ, ତହସିଲଦାର, ବିଭିନ୍ନ ବିଭାଗର ଅଧିକାରୀମାନେ ଏବଂ ପାରାଦ୍ୱୀପର ୪ ପ୍ରମୁଖ ଶିଳ୍ପ ଅନୁଷ୍ଠାନ ଯଥା, ଇଫକୋ ପି ପି ଏଲ, ଆଇ ଓ ସି ଏଲ ଓ ପାରାଦ୍ୱୀପ ପୋର୍ଟ ର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ସମ୍ପୃକ୍ତ କର୍ମକର୍ତ୍ତା ମାନେ ମଧ୍ୟ ଜରୁରୀ ବିପର୍ଯ୍ୟୟ ର ମୁକାବିଲା ପାଇଁ ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସୁରକ୍ଷା ପଦକ୍ଷେପ ଏବଂ ମକ୍ ଡ୍ରିଲର ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ।

## ପ୍ରେସ୍ କ୍ଲବର ଶୋକସଭା



**ମଣିଜଙ୍ଗା, ୯।୧(ସମିସ):** ତିର୍ତ୍ତୋଲ ବ୍ଲକର ନକ୍ଷତ୍ର ଟି.ଭି. ସାମ୍ବାଦିକ ପ୍ରମୋଦ କୁମାର ଦାସଙ୍କ ଅକାଳ ବିୟୋଗରେ ଆଜି ତିର୍ତ୍ତୋଲ ପ୍ରେସ୍ କ୍ଲବ୍ ତରଫରୁ ମଣିଜଙ୍ଗା ନାରାୟଣୀ ମନ୍ଦିରରେ ବରିଷ୍ଠ ସାମ୍ବାଦିକ ଉପେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଏକ ଶୋକସଭା ପାଳନ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଆଜି ତିର୍ତ୍ତୋଲ ଓ ଏରସମାର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହରାଇବସିଲା ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଶ୍ରୀକାନ୍ତ ଦାସ, ଗୌରାଙ୍ଗ ସ୍ୱାଇଁ, ନୃସିଂହ ବାରିକ, ମିହିର କୁମାର ନାୟକ, ପଦ୍ମ ଲୋଚନ ଦାସ, ରାଜା, ଅଲେଖ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ବାଲିକୁଦା, ୯।୧(ସମିସ):** ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୋରିକିନା ଶାଖାର ଏକ ବୈଠକ ସଭାପତି ପଣ୍ଡିତ ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ପୀଠିରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଭ୍ରମରବର ସ୍ୱାଇଁ ମଙ୍ଗଳା ଚରଣ ପାଠ କରିଥିବା ବେଳେ ବୁଲାକି ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।ସଭାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ଏହାର ସମାଧାନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା।ଆଗାମୀ ଦିନରେ ଅଧିକରୁ ଅଧିକ ସଦସ୍ୟ ସଂଗଠନ ସହ ଯୋଡିବା ନେଇ ପ୍ରସ୍ତାବ ପାରିତ ହୋଇଥିଲା। ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା ୪ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ



ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ଜେନା, ବାବାଜୀ ଚରଣ ପ୍ରଧାନ, ଜଟାଧାରୀ ସେନାପତି, ଧୂର୍ବେଶ୍ୱର ନାୟକ, ଗୋବିନ୍ଦ ଚନ୍ଦ୍ର ଦାସ, ସର୍ବେଶ୍ୱର ବିଶ୍ୱାଳ, ଭ୍ରମରବର ପାଇଟାଳ, ଯାଦବ ପାଢ଼ୀ, ଅନାଦି ବେହେରା, ଶରତ ବାରିକ, ଗୁଣନିଧି ବେହେରା, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣନନ୍ଦ ମହାରଣା, ପ୍ରଫୁଲ୍ଲ କୁମାର ମହାନ୍ତି, ଦୀନବନ୍ଧୁ ରାଉତ, ଆଦିକନ୍ଦ ଦାସ, କଣ୍ଠମଣି ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଭିକାରୀ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଡ୍ରାଇଭର ସଂଘ

**ବିରିଡି, ୯।୧(ସମିସ):** ଦୀର୍ଘଦିନ ହେବ ଗାଡି ଚାଳକମାନେ ବିଭିନ୍ନ ଦାବି କରିଆସୁଥିଲେ। ଏହା ପୂରଣ ହେବ ବୋଲି ରାଜ୍ୟସରକାର ଆଗରୁ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ସରକାର ଅବିଳମ୍ବେ ପୂରଣ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଡ୍ରାଇଭରମାନଙ୍କ ସୁରକ୍ଷା, ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିରିଡି ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସଭାପତି ବିଶ୍ୱଜିତ ଭୋଇ, ବିନୋଦ ସାହୁ, ବିଶ୍ୱନାଥ ସାହୁ, ଅକ୍ଷୟ କୁମାର ରାଉତ, ଇଶ୍ୱର ବେହେରା, ବାପି କର, ଲକ୍ଷ୍ମୀଧର ମିଶ୍ର, ଅରବିନ୍ଦ ମହାନ୍ତି, ଏସ୍.କେ.ଗସ୍ ମହମ୍ମଦ, କେଶବ ଦାସ, ରବୀନ୍ଦ୍ର ବେହେରା, ତପନ ନାଥ, ଶଙ୍କର ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ରମାକାନ୍ତ ନାୟକ, ଅଚ୍ଯୁତ ନନ୍ଦ ଭୋଇ, ବିଷ୍ଣୁ ବାରିକ, ବିଜୟ କୁମାର ବେହେରା, ତପନ ନାଥ, ବିଶ୍ୱନାଥ ଦାସ, ଦିଲ୍ଲିପ ଭୋଇ ପ୍ରମୁଖ ବିରିଡି ସ୍ଥିତ ସଂଘ କାର୍ଯ୍ୟାଳୟରେ ପହଞ୍ଚି ଖୁସି ମନାଇଥିଲେ।

DSPL-523
ମିଶନ ଶକ୍ତି
ODISHA MILLETS MISSION
ଆମ ଓଡ଼ିଶା ନବୀନ ଓଡ଼ିଶା

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ
ଅବଧି ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪





- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୫ ଜାନୁୟାରୀ ୨୦୨୪ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

ପଞ୍ଜିକରଣ ପ୍ରକ୍ରିୟା :
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

ପଞ୍ଜିକରଣ ଅବଧି :
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :
- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଜାନୁୟାରୀ ମାସ ୧୫ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।

ଭାଗ ଚାଷୀ :
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

କ୍ଷୁଦ୍ର ଓ ନାମମାତ୍ର ଚାଷୀ :
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR-01034/13/0002/2324

For more details visit- www.milletsodisha.com | Follow us on Odisha Millets Mission

